# ଜଙ୍ଗଲ ପରିସର ଅଧିକାରୀ

**ବନାମ**

**ଏସ୍.ଟି. ହାଡିମଣି**

**ଫେବୃଆରୀ 15, 2002**

**[ବି.ଏନ୍. କିର୍ପାଲ୍ ଏବଂ ଅରିଜିତ୍ ପଶାୟତ୍, ନ୍ୟାୟମୂର୍ତ୍ତିଦ୍ୱୟ]**

*ଶ୍ରମ ଆଇନ:*

*ଶ୍ରମିକ - ସେବା ସମାପ୍ତି - ଶ୍ରମିକଙ୍କ ଦାବି ଯେ ସେ ସମ୍ପୃକ୍ତ ବର୍ଷରେ 240 ଦିନ କାର୍ଯ୍ୟ କରିଥିଲେ ଏବଂ ତାଙ୍କୁ କୌଣସି ଛଟେଇ କ୍ଷତିପୂରଣ ପ୍ରଦାନ ନକରି ତାଙ୍କ ସେବା ସମାପ୍ତ କରାଯାଇଥିଲା - ପରିଚାଳନା କର୍ତ୍ତୃପକ୍ଷ ଶ୍ରମିକ 240 ଦିନ କାର୍ଯ୍ୟ କରିଥିବା ତଥ୍ୟକୁ ଅସ୍ୱୀକାର କରିଛନ୍ତି - ନ୍ୟାୟାଧିକରଣଙ୍କ ନିଷ୍ପତ୍ତି ଯେ ଛଟେଇ କ୍ଷତିପୂରଣ ନଦେଇ ଶ୍ରମିକଙ୍କ ସେବା ସମାପ୍ତ କରାଯାଇଛି ଏବଂ ଶ୍ରମିକଙ୍କ ସତ୍ୟପାଠ ଏହା ପ୍ରମାଣ କରିବାକୁ ଯଥେଷ୍ଟ ଥିଲା ଯେ ସେ ବର୍ଷରେ 240 ଦିନ କାର୍ଯ୍ୟ କରିଥିଲେ ଏବଂ ସେବା ସମାପ୍ତିର ଯଥାର୍ଥତା ପ୍ରତିପାଦନ କରିବାର ଦାୟିତ୍ୱ ପରିଚାଳନା କର୍ତ୍ତୃପକ୍ଷଙ୍କ ଉପରେ ରହିଛି - ନିର୍ଣ୍ଣୟ ନିଆଗଲା ଯେ, ସେବା ସମାପ୍ତିର ପୂର୍ବବର୍ତ୍ତୀ ବର୍ଷରେ ଶ୍ରମିକ 240 ଦିନରୁ ଅଧିକ କାର୍ଯ୍ୟ କରିଥିବା ବିଷୟରେ କୌଣସି ନିଶ୍ଚିତ ପ୍ରମାଣ ବିନା ପରିଚାଳନା କର୍ତ୍ତୃପକ୍ଷଙ୍କ ଉପରେ ପ୍ରମାଣର ଭାର ନ୍ୟସ୍ତ କରିବା ନ୍ୟାୟାଧିକରଣଙ୍କ ପାଇଁ ଉଚିତ ନଥିଲା - ଶ୍ରମିକଙ୍କ ଦାବିକୁ ପରିଚାଳନା କର୍ତ୍ତୃପକ୍ଷ ଅସ୍ୱୀକାର କରିଥିବାରୁ, ସେ 240 ଦିନ କାର୍ଯ୍ୟ କରିଥିବା ଦର୍ଶାଇବା ଶ୍ରମିକଙ୍କ ଦାୟିତ୍ୱ ଥିଲା - କୌଣସି ଦସ୍ତାବିଜ ପ୍ରମାଣ ଅଭାବରେ, ସତ୍ୟପାଠରେ ଦିଆଯାଇଥିବା କେବଳ ଏକ ବୟାନକୁ ପର୍ଯ୍ୟାପ୍ତ ପ୍ରମାଣ ଭାବେ ଗ୍ରହଣ କରାଯାଇପାରିବ ନାହିଁ- ପ୍ରମାଣର ଭାର ।*

*ଗୁଜରାଟ ରାଜ୍ୟ ବନାମ ପ୍ରତମ୍ ସିଂହ ନରସିଂହ ପରମାର୍,* **JT (2001) 3 SC 326 ମାମଲାଟିକୁ ଉଲ୍ଲେଖ କରାଯାଇଛି ।**

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାର: ଦେୱାନୀ ଅପିଲ ସଂଖ୍ୟା 1283/2002 ।

ଆଜ୍ଞାଦେଶ ଆବେଦନ ସଂଖ୍ୟା 3962/1999 ରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କ 25.11.1999 ତାରିଖର ରାୟ ଏବଂ ଆଦେଶ ବିରୁଦ୍ଧରେ ।

ଜଙ୍ଗଲ ପରିସର ଅଧିକାରୀ ବନାମ ଏସ୍.ଟି. ହାଡିମଣି

ଏହା ସହିତ

ଦେୱାନୀ ଆବେଦନ ସଂଖ୍ୟା 1284/2002 ।

ଅପିଲକାରୀଙ୍କ ତରଫରୁ ସଞ୍ଜୟ ଆର୍. ହେଗ୍ଡେ ।

ଉତ୍ତରଦାତାଙ୍କ ତରଫରୁ ମୋହନ ଭି. କଟାର୍କି ଏବଂ ଅଶୋକ କୁମାର ଶର୍ମା ।

ନ୍ୟାୟାଳୟଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା:

ମଞ୍ଜୁର କରାଗଲା ।

ବର୍ତ୍ତମାନର ମାମଲାରେ, ଶ୍ରମ ଅଦାଲତଙ୍କୁ ଏହି ବିବାଦ ବିଚାରାର୍ଥେ ପ୍ରେରଣ କରାଯାଇଥିଲା ଯେ ଉତ୍ତରଦାତା 240 ଦିନ କାର୍ଯ୍ୟ କରିଥିଲେ ଏବଂ ତାଙ୍କୁ କୌଣସି ଛଟେଇ କ୍ଷତିପୂରଣ ପ୍ରଦାନ ନକରି ତାଙ୍କ ସେବା ସମାପ୍ତ କରାଯାଇଥିଲା । ଏଠାରେ ଥିବା ଅପିଲକାରୀ ଏହାକୁ ଗ୍ରହଣ କରିନଥିଲେ ଏବଂ ଯୁକ୍ତି କରିଥିଲେ ଯେ ଉତ୍ତରଦାତା 240 ଦିନ କାର୍ଯ୍ୟ କରିନଥିଲେ । ନ୍ୟାୟାଧିକରଣ ଏହାର 10 ଅଗଷ୍ଟ, 1998 ତାରିଖର ଅଧିନିର୍ଣ୍ଣୟ ବଳରେ ଏହି ନିଷ୍କର୍ଷରେ ପହଞ୍ଚିଥିଲେ ଯେ ଛଟେଇ କ୍ଷତିପୂରଣ ନଦେଇ ସେବା ସମାପ୍ତ କରାଯାଇଥିଲା । ଉତ୍ତରଦାତା 240 ଦିନ କାର୍ଯ୍ୟ କରିଥିବା ନିଷ୍କର୍ଷରେ ପହଞ୍ଚିବା ସମୟରେ ନ୍ୟାୟାଧିକରଣ ଉଲ୍ଲେଖ କରିଥିଲେ ଯେ, ସେବା ସମାପ୍ତିରେ ଯଥାର୍ଥତା ଥିଲା ବୋଲି ଦର୍ଶାଇବା ପରିଚାଳନା କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ଥିଲା ଏବଂ ଶ୍ରମିକଙ୍କ ସତ୍ୟପାଠ ସେ ବର୍ଷକ ମଧ୍ୟରେ 240 ଦିନ କାର୍ଯ୍ୟ କରିଥିବା ପ୍ରମାଣ କରିବା ପାଇଁ ଯଥେଷ୍ଟ ଥିଲା ।

ଆମେ ଯେଉଁ ମତ ପୋଷଣ କରୁଛୁ, ସେଥିପାଇଁ ଅପିଲକାରୀ ଏକ "ଶିଳ୍ପ" କି ନୁହେଁ ସେହି ପ୍ରଶ୍ନ ମଧ୍ୟକୁ ଯିବା ଆବଶ୍ୟକ ନାହିଁ, ଯଦିଓ *ଗୁଜରାଟ ରାଜ୍ୟ ବନାମ ପ୍ରତମ୍ ସିଂହ ନରସିଂହ ପରମାର୍*, JT (2001) 3 SC 326 ମାମଲାରେ ଏହି ନ୍ୟାୟାଳୟଙ୍କ ନିଷ୍ପତ୍ତି ଉପରେ ନିର୍ଭରଶୀଳତା ରଖାଯାଇଛି । ଆମ ମତରେ, ସେବା ସମାପ୍ତିର ପୂର୍ବବର୍ତ୍ତୀ ବର୍ଷରେ ଉତ୍ତରଦାତା 240 ଦିନରୁ ଅଧିକ କାର୍ଯ୍ୟ କରିଥିବା ବିଷୟରେ ନିଶ୍ଚିତ ପ୍ରମାଣ ଆଧାରରେ ପ୍ରଥମେ ସ୍ଥିର ନକରି ପରିଚାଳନା କର୍ତ୍ତୃପକ୍ଷଙ୍କ ଉପରେ ପ୍ରମାଣର ଭାର ନ୍ୟସ୍ତ କରିବା ନ୍ୟାୟାଧିକରଣଙ୍କ ପକ୍ଷେ ସଠିକ ନଥିଲା । ଏହା ଦାବିଦାରଙ୍କ ପକ୍ଷ ଥିଲା ଯେ ସେ ସେତିକି ଦିନ କାର୍ଯ୍ୟ କରିଥିଲେ କିନ୍ତୁ ଏହି ଦାବିକୁ ଅପିଲକାରୀ ଅସ୍ୱୀକାର କରିଥିଲେ । ସେତେବେଳେ ତାଙ୍କ ସେବା ସମାପ୍ତିର ପୂର୍ବବର୍ତ୍ତୀ ବର୍ଷରେ ସେ

ପ୍ରକୃତରେ 240 ଦିନ କାର୍ଯ୍ୟ କରିଥିବା ଦର୍ଶାଇବା ପାଇଁ ପ୍ରମାଣ ଉପସ୍ଥାପନ କରିବା ଦାବିଦାରଙ୍କ ଦାୟିତ୍ୱ ଥିଲା । ସତ୍ୟପାଠ ଦାଖଲ କରିବା ହେଉଛି କେବଳ ତାଙ୍କ ନିଜ ସପକ୍ଷରେ ତାଙ୍କର ନିଜସ୍ୱ ବୟାନ ଏବଂ ଜଣେ ଶ୍ରମିକ ପ୍ରକୃତରେ ବର୍ଷକରେ 240 ଦିନ କାର୍ଯ୍ୟ କରିଥିବା ନିଷ୍କର୍ଷରେ ପହଞ୍ଚିବା ପାଇଁ କୌଣସି ଅଦାଲତ କିମ୍ବା ନ୍ୟାୟାଧିକରଣଙ୍କ ଦ୍ୱାରା ଏହାକୁ ପର୍ଯ୍ୟାପ୍ତ ପ୍ରମାଣ ଭାବେ ଗଣନା କରାଯାଇପାରିବ ନାହିଁ । 240 ଦିନର ଦରମା ବା ମଜୁରୀ ପ୍ରାପ୍ତିର କୌଣସି ପ୍ରମାଣ କିମ୍ବା ଏହି ଅବଧି ପାଇଁ ନିଯୁକ୍ତି ଆଦେଶ ବା ନଥିପତ୍ର ଶ୍ରମିକଙ୍କ ଦ୍ୱାରା ଉପସ୍ଥାପନ କରାଯାଇ ନଥିଲା । କେବଳ ଏହି ଆଧାରରେ ହିଁ ଉକ୍ତ ଅଧିନିର୍ଣ୍ଣୟ ବାତିଲ ହେବା ଯୋଗ୍ୟ । ତେବେ, ବିଭାଗ ପକ୍ଷରୁ ଉପସ୍ଥିତ ଶ୍ରୀ ହେଗ୍ଡେ କହିଛନ୍ତି ଯେ ରାଜ୍ୟ ପ୍ରକୃତରେ ଆଇନର ସମାଧାନ କରିବା ପାଇଁ ଆଗ୍ରହୀ ଅଟେ ଏବଂ ଉତ୍ତରଦାତାଙ୍କୁ ତାଙ୍କ ସେବା ସମାପ୍ତି ପୂର୍ବରୁ ସେ ଯେଉଁ ସର୍ତ୍ତରେ ନିୟୋଜିତ ଥିଲେ ବୋଲି କୁହାଯାଉଛି, ସେହି ସମାନ ସର୍ତ୍ତରେ ଆଜିଠାରୁ ଦୁଇ ମାସ ମଧ୍ୟରେ ଅନୁକମ୍ପାମୂଳକ ଭିତ୍ତିରେ ନିଯୁକ୍ତି ପ୍ରଦାନ କରାଯିବ ।

ଉପରୋକ୍ତ ସର୍ତ୍ତାବଳୀ ଅନୁଯାୟୀ ଅପିଲଗୁଡ଼ିକର ଫଏସଲା କରାଗଲା ।

ଆର୍.ପି. ଅପିଲଗୁଡ଼ିକର ଫଏସଲା କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**